# NATIONAL NEWS BULLETIN (ODIA)

## 8 September - 2024

## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ୟୁକ୍ରେନ ବିବାଦର ସମାଧାନ ପାଇଁ ଭାରତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ ବୋଲି କହିଛନ୍ତି ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି ।
- ପ୍ୟାରିସ୍ ପାରା ଅଲିମ୍ପିକ୍ସରେ ପୁରୁଷ ଜାଭେଲିନ୍ ଥ୍ରୋ'ରେ ସ୍ୱର୍ଣ୍ଣ ପଦକ ଜିତିଥିବା ନବଦୀପ ସିଂହଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ।
- ଭାରତ-ଉପସାଗରୀୟ ସହଯୋଗ ପରିଷଦର ପ୍ରଥମ ବିଦେଶ ମନ୍ତ୍ରୀ ବୈଠକରେ ଯୋଗଦେବା ପାଇଁ ଆଜି ରିୟାଦ୍ ଗସ୍ତ କରିବେ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ।
- ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆଜିଠାରୁ ଭାରତ ଗସ୍ତରେ ଆସୁଛନ୍ତି ଆବୁଧାବିର କ୍ରାଉନ୍ ପ୍ରିନ୍ସ ଶେଖ୍ ଖାଲିଦ ବିନ୍ ମହମ୍ମଦ ବିନ୍ ଜାଏଦ ଅଲ୍ ନ୍ୟାହାନ୍ ।

ଏବଂ

● ୟୁଏସ୍ ଓପନ୍ ଟାଇଟଲ ଜିତିଲେ ବେଲାରୁଷର ଦ୍ୱିତୀୟ ମାନ୍ୟତାପ୍ରାପ୍ତ କ୍ରୀଡ଼ାବିତ୍ ଆରିନା ସାବାଲେଙ୍କା ।

## ଇଟାଲୀ ପ୍ରଧାନମନ୍ତ୍ରୀ

ୟୁକ୍ରେନ ବିବାଦର ସମାଧାନ ପାଇଁ ଭାରତ ଓ ଚୀନ୍ ଭଳି ଦେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ ବୋଲି ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି କହିଛନ୍ତି। ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ସଙ୍କଟର ମୁକାବିଲା ପାଇଁ ଭାରତର ପ୍ରୟାସକୁ ସ୍ୱୀକାର କରିବାର ୪୮ ଘଣ୍ଟା ରୁ କମ୍ ସମୟ ମଧ୍ୟରେ ମେଲୋନି ଏହି ମନ୍ତବ୍ୟ ଦେଇଛନ୍ତି। ଗତକାଲି ଉତ୍ତର ଇଟାଲୀରେ ୟୁକ୍ରେନର ରାଷ୍ଟ୍ରପତି ଭାଲ୍‌ଦିମିର ଜେଲେନସ୍କିଙ୍କ ସହ ସାକ୍ଷାତ କରିବା ପରେ ଇଟାଲୀ ପ୍ରଧାନମନ୍ତ୍ରୀ ଏହି ମନ୍ତବ୍ୟ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ମାସରେ କିଭ୍ ଗସ୍ତ କରିଥିଲେ ଏବଂ ସେ ଶ୍ରୀ ଜେଲେନସ୍କିଙ୍କୁ ଜଣାଇଥିଲେ ଯେ ଉଭୟ ୟୁକ୍ରେନ ଏବଂ ରୁଷିଆ ମଧ୍ୟରେ ଚାଲିଥିବା ଯୁଦ୍ଧର ଅନ୍ତ ଘଟାଇବା ପାଇଁ ସମୟ ନଷ୍ଟ ନକରି ଆପୋଷ ଆଲୋଚନା ମାଧ୍ୟମରେ ଶାନ୍ତି ଫେରାଇ ଆଣିବା ପାଇଁ ଭାରତ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ ଅଛି । ଯୁଦ୍ଧ ଆରମ୍ଭରୁ ଭାରତ ଶାନ୍ତି ସ୍ଥାପନ ପକ୍ଷରେ ରହିଛି ଏବଂ ଏହି ସଙ୍କଟର ଶାନ୍ତିପୂର୍ଣ୍ଣ ସମାଧାନ

ପାଇଁ ସେ ବ୍ୟକ୍ତିଗତ ଭାବେ ମଧ୍ୟସ୍ଥତା କରିବାକୁ ଚାହିଁବେ ବୋଲି ଶ୍ରୀ ମୋଦୀ କହିଥିଲେ।

## ପାରା ଅଲିମ୍ପିକ୍ସ

ପ୍ୟାରିସରେ ଚାଲିଥିବା ପାରା ଅଲିମ୍ପିକ୍ କ୍ରୀଡ଼ାରେ ଭାରତ ଆଉ ଦୁଇଟି ପଦକ ହାସଲ କରି ନିଜର ଆଧିପତ୍ୟ ବିସ୍ତାର କରିଛି। ପୁରୁଷ ଜାଭେଲିନ୍ ଥ୍ରୋ ଏଫ୍ ୪୧ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଇରାନୀ କ୍ରୀଡ଼ାବିତ୍‌ଙ୍କୁ ଅନୁପଯୁକ୍ତ ଆଚରଣ ପାଇଁ ଅଯୋଗ୍ୟ ଘୋଷଣା କରାଯିବା ପରେ ନବଦୀପ ସିଂହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଅନ୍ୟପକ୍ଷରେ ମହିଳା ୨୦୦ ମିଟର ଟି-୧୨ ଟ୍ରାକ୍ ପ୍ରତିଯୋଗିତାରେ ଧାବିକା ସିମରନ ଶର୍ମା କାଂସ୍ୟ ପଦକ ହାସଲ କରିଛନ୍ତି। ଭାରତ ୭ଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ଓ ୧୩ଟି କାଂସ୍ୟ ସହ ମୋଟ ୨୯ଟି ପଦକ ହାସଲ କରି ତାଲିକାର ଷୋଡଶ ସ୍ଥାନରେ ରହିଛି ।

## ପ୍ରେଜ୍-ପିଏମ୍-ଭିପି ପାରାଅଲିମ୍ପିକ୍ସ

ପ୍ୟାରିସ୍ ପାରା ଅଲିମ୍ପିକ୍ସରେ ପୁରୁଷ ଜାଭେଲିନ୍ ଥ୍ରୋ ଏଫ୍-୪୧ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିବା ନବଦୀପ ସିଂହଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅଭିନନ୍ଦନ ଜଣାଇଛନ୍ତି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ମୁର୍ମୁ କହିଛନ୍ତି ଯେ ନବଦୀପ ଦେଶକୁ ଗର୍ବିତ କରିଛନ୍ତି। ସେ କହିଛନ୍ତି ନବଦୀପଙ୍କ ସଫଳତା କ୍ରୀଡ଼ାବିତ୍‌ଙ୍କ ପାଇଁ ପ୍ରେରଣା ଅଟେ ।

ମହିଳା ୨୦୦ ମିଟର ଟି-୧୨ ବର୍ଗରେ କାଂସ୍ୟ ପଦକ ଜିତିଥିବା ସିମରନ୍ ଶର୍ମାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିନନ୍ଦନ ଜଣାଇଛନ୍ତି। ରାଷ୍ଟ୍ରପତି ମୁର୍ମୁ କହିଛନ୍ତି ଯେ ସିମରନଙ୍କ ସଫଳତା ଝିଅମାନଙ୍କୁ ପ୍ରେରଣା ଯୋଗାଇବ। ଭବିଷ୍ୟତରେ ସିମରନ ଦେଶ ପାଇଁ ଆହୁରି ଗୌରବ ଆଣିବେ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ କହିଛନ୍ତି ଯେ ସିମରନ ଶର୍ମାଙ୍କ କଠିନ ପରିଶ୍ରମ, ପ୍ରତିବଦ୍ଧତା ଏବଂ ଦୃଢ଼ତା ତାଙ୍କୁ ଏହି ଅବିଶ୍ୱସନୀୟ ସଫଳତା ଦେଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ସିମରନ ଶର୍ମାଙ୍କ ସଫଳତା ଅନେକ ଲୋକଙ୍କୁ ପ୍ରେରଣା ଯୋଗାଇବ। ଉତ୍କର୍ଷତା ପ୍ରତି ତାଙ୍କର ପ୍ରତିବଦ୍ଧତା ଏବଂ ଉଲ୍ଲେଖନୀୟ ଦକ୍ଷତାକୁ ସେ ପ୍ରଶଂସା କରିଥିଲେ।

## ସନ୍ଦୀପ ଘୋଷ-ସୋ କଜ୍ ନୋଟିସ

ପଶ୍ଚିମବଙ୍ଗ ଚିକିତ୍ସା ପରିଷଦ, ଆର୍‌ଜିକର ମେଡିକାଲ କଲେଜ ଓ ହସ୍ପିଟାଲର ପୂର୍ବତନ ଅଧ୍ୟକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି । ଆସନ୍ତା ୭୨ ଘଣ୍ଟା ମଧ୍ୟରେ ସନ୍ତୋଷଜନକ ଉତ୍ତର ନ ମିଳିଲେ ତାଙ୍କ ପଞ୍ଜୀକରଣ ବାତିଲ କରାଯିବ ବୋଲି ପରିଷଦ କହିଛି। ମେଡିକାଲ କଲେଜ ପରିଚାଳନାରେ ଆର୍ଥିକ ଅନିୟମିତତା ଓ ଦୁର୍ନୀତିରେ ସମ୍ପୃକ୍ତି ଥିବା ନେଇ ତାଙ୍କୁ ନୋଟିସ୍ ଜାରି କରାଯାଇଛି। ସୂଚନାଯୋଗ୍ୟ ଆର୍ଥିକ ଅନିୟମିତତା ମାମଲା ନେଇ ସିବିଆଇ ସନ୍ଦିପ ଘୋଷଙ୍କୁ ଗିରଫ କରିସାରିଛି ।

## ଜୟଶଙ୍କର-ରିୟାଦ୍ ବର୍ଲିନ ଜେନେଭା

ଭାରତ-ଉପସାଗରୀୟ ସହଯୋଗ ପରିଷଦର ପ୍ରଥମ ବିଦେଶ ମନ୍ତ୍ରୀ ବୈଠକରେ ଯୋଗଦେବା ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଆଜି ସାଉଦି ଆରବର ରିୟାଦ୍ ଗସ୍ତ କରିବେ। ଏହି ଦୁଇଦିନିଆ ଗସ୍ତ ରେ ସେ ଜିସିସି ସଦସ୍ୟ ଦେଶର ବୈଦେଶିକ ମନ୍ତ୍ରୀଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବାର ସମ୍ଭାବନା ରହିଛି ।

ଜିସିସି ଅଞ୍ଚଳ ଭାରତ ପାଇଁ ଏକ ପ୍ରମୁଖ ବାଣିଜ୍ୟ ସହଯୋଗୀ ଭାବରେ ଉଭା ହୋଇଛି ଏବଂ ଏଠାରେ ପ୍ରାୟ ୮ଦଶମିକ ୯ ନିୟୁତ ଭାରତୀୟ ପ୍ରବାସୀ ସମୁଦାୟ ବାସ କରନ୍ତି । ବୈଦେଶିକ ମନ୍ତ୍ରୀଙ୍କ ବୈଠକ ବିଭିନ୍ନ କ୍ଷେତ୍ରରେ ଭାରତ ଏବଂ ଜିସିସି ମଧ୍ୟରେ ସହଯୋଗ ଦୃଢ଼ କରିବା ପାଇଁ ସୁଯୋଗ ହେବ ।

ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ଡ. ଜୟଶଙ୍କର ମଙ୍ଗଳବାରଠାରୁ ଦୁଇ ଦିନିଆ ଜର୍ମାନୀ ଗସ୍ତରେ ଯିବେ। ଏହା ତାଙ୍କର ତୃତୀୟ ଦ୍ୱିପାକ୍ଷିକ ବର୍ଲିନ ଗସ୍ତ । ଉଭୟ ଭାରତ ଏବଂ ଜର୍ମାନୀ ଏକ ଦୃଢ଼ ରଣନୈତିକ ଭାଗିଦାରୀ ଅଂଶୀଦାର ଏବଂ ଜର୍ମାନୀ ଭାରତର ଅନ୍ୟତମ ପ୍ରମୁଖ ବାଣିଜ୍ୟ ସହଯୋଗୀ ଓ ବୃହତ୍ତମ ପ୍ରତ୍ୟକ୍ଷ ବିଦେଶୀ ନିବେଶକଙ୍କ ମଧ୍ୟରୁ ଅନ୍ୟତମ । ଗସ୍ତ ସମୟରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଜର୍ମାନୀର ଫେଡେରାଲ ବୈଦେଶିକ ମନ୍ତ୍ରୀଙ୍କ ସହିତ ଅନ୍ୟାନ୍ୟ ମନ୍ତ୍ରୀମାନଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି ।

ଜୟଶଙ୍କର ଚଳିତ ମାସ ୧୨ ତାରିଖରୁ ସ୍ୱିଜରଲ୍ୟାଣ୍ଡର ଜେନେଭା ଗସ୍ତରେ ଯିବେ। ଜେନେଭାରେ ବହୁ ସଂଖ୍ୟକ ଜାତିସଂଘ ସଂସ୍ଥା ଏବଂ ଅନ୍ତର୍ଜାତୀୟ ସଂଗଠନ ମୁଖ୍ୟମାନଙ୍କ ସହ ସେ ଆଲୋଚନା କରିବେ ବୋଲି ଜଣାପଡିଛି ।

# ଫ୍ରାନ୍ସ ପ୍ରୋଟେଷ୍ଟ

ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ୍, ନୂଆ ପ୍ରଧାନମନ୍ତ୍ରୀ ଭାବେ ମିସେଲ ବାର୍ନିୟରଙ୍କୁ ନିଯୁକ୍ତ କରିବା ନିଷ୍ପତ୍ତିକୁ ବିରୋଧ କରି ହଜାର ହଜାର ଲୋକ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି । ପ୍ୟାରିସ ସମେତ ବିଭିନ୍ନ ସହରରେ ବିକ୍ଷୋଭକାରୀମାନେ ଏହି ନିଷ୍ପତ୍ତିକୁ ବିରୋଧ କରି ରାଷ୍ଟ୍ରପତିଙ୍କୁ ଇସ୍ତଫା ଦେବାକୁ ଦାବି କରିଛନ୍ତି ।

# ଅର୍ଥ ସଚିବ

ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ତୁହିନ କାନ୍ତ ପାଣ୍ଡେଙ୍କୁ କେନ୍ଦ୍ର ସରକାର ଅର୍ଥ ସଚିବ ଭାବେ ନିଯୁକ୍ତ କରିଛନ୍ତି । ୧୯୮୭ ବ୍ୟାଚ୍‌ର ଓଡ଼ିଶା କ୍ୟାଡରର ଅଧିକାରୀ ଶ୍ରୀ ପାଣ୍ଡେ ବର୍ତ୍ତମାନ ଅର୍ଥ ମନ୍ତ୍ରଣାଳୟରେ ଦୁଇଟି ପ୍ରମୁଖ ବିଭାଗ, ପବ୍ଲିକ୍ ଏଣ୍ଟରପ୍ରାଇଜେସ୍ ଏବଂ ନିବେଶ ଓ ପବ୍ଲିକ୍ ଆସେଟ୍ ମ୍ୟାନେଜମେଣ୍ଟର ସଚିବ ଭାବେ କାର୍ଯ୍ୟ କରୁଛନ୍ତି ।

## ଜାତୀୟ ଶିଶୁ ପୁରସ୍କାର

ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ ପୁରସ୍କାର ୨୦୨୫ ପାଇଁ ନାମାଙ୍କନ ପତ୍ର ଦାଖଲ କରିବାର ଶେଷ ତାରିଖ ଚଳିତ ମାସ ୧୫ ତାରିଖ ରହିଛି। ପ୍ରତିବର୍ଷ ଜାନୁଆରି ମାସରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଏହି ପୁରସ୍କାର ଆୟୋଜନ କରାଯାଇଥାଏ ଏବଂ ଚଳିତ ବର୍ଷ ଡିସେମ୍ବର ୨୬ ତାରିଖରେ ବୀର ବାଲ୍ ଦିବସ ଅବସରରେ ଏହା ଘୋଷଣା କରାଯିବ। ପିଲାଙ୍କ ଶକ୍ତି, ସଂକଳ୍ପ, ଦକ୍ଷତା, ଉତ୍ସାହ ଓ ଧୈର୍ଯ୍ୟକୁ ସମ୍ମାନ ଜଣାଇବା ଏହି ପୁରସ୍କାରର ଉଦ୍ଦେଶ୍ୟ। ୫ ବର୍ଷରୁ ଅଧିକ ଏବଂ ୧୮ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ଏହି ପୁରସ୍କାର ନିମନ୍ତେ ନାମାଙ୍କନ ଦାଖଲ କରାଯାଇପାରିବ ।

## ୟୁଏଇ କ୍ରାଉନ୍ ପ୍ରିନ୍ସ-ଭାରତ ଗସ୍ତ

ଆବୁଧାବିର କ୍ରାଉନ୍ ପ୍ରିନ୍ସ ଶେଖ୍ ଖାଲିଦ ବିନ୍ ମହମ୍ମଦ ବିନ୍ ଜାଏଦ ଅଲ୍ ନ୍ୟାହାନ୍ ଆଜିଠାରୁ ଭାରତ ଗସ୍ତରେ ଆସୁଛନ୍ତି। ସେ ଏହି ଗସ୍ତ ସମୟରେ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ୍ କରିବେ ।

ଗସ୍ତକାଳରେ ସଂଯୁକ୍ତ ଆରବ ଏମିରେଟ୍ସ ଏବଂ ଭାରତ ମଧ୍ୟରେ ପୂର୍ବରୁ ଥିବା ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ଆଲୋଚନା ପର୍ଯ୍ୟାଲୋଚନା ହେବ । ଶେଖ୍ ଖାଲିଦଙ୍କ ସହ ୟୁଏଇର ମନ୍ତ୍ରୀ, ବରିଷ୍ଠ ଅଧିକାରୀ, ବ୍ୟବସାୟୀକ ପ୍ରତିନିଧି ମଣ୍ଡଳୀ ଏବଂ ପ୍ରମୁଖ ଅର୍ଥନୈତିକ ଅଂଶୀଦାରଙ୍କ ସମେତ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆସିବେ। ଗସ୍ତ କାଳରେ ସେ ଭାରତର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହି ଆଲୋଚନାରେ ଉଭୟ ଦେଶ ଏବଂ ସେଠାକାର ଜନସାଧାରଣଙ୍କ ପାରସ୍ପରିକ ଲାଭ ପାଇଁ ପୂର୍ବରୁ ହାସଲ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟକୁ ଆଧାର କରି ପ୍ରମୁଖ ଅର୍ଥନୈତିକ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବାର ଉପାୟ ଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯିବ । ଉଚ୍ଚସ୍ତରୀୟ ବୈଠକ ବ୍ୟତୀତ ଶେଖ୍ ଖାଲିଦ ଅନେକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ।

## ଏସ୍‌ବିଆଇ ସ୍କଲାରସିପ୍

ଏସବିଆଇ ଫାଉଣ୍ଡେସନ ଆଶା ବୃତ୍ତି କାର୍ଯ୍ୟକ୍ରମର ତୃତୀୟ ସଂସ୍କରଣରେ ୧୦ ହଜାର ମେଧାବୀ ଛାତ୍ରଛାତ୍ରୀଙ୍କୁ ସହାୟତା ପ୍ରଦାନ କରିବ । ଏହି

ଯୋଜନାରେ ଷଷ୍ଠ ଶ୍ରେଣୀରୁ ସ୍ନାତକୋତ୍ତର ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ୧୫ ହଜାରରୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଛାତ୍ରବୃତ୍ତି ଯୋଗାଇ ଦିଆଯିବ । ଏଥିରେ ଆଇଆଇଟି, ଆଇଆଇଏମ୍ ଏବଂ ବିଦେଶରେ ପଢ଼ିବା ଲାଗି ତଫସିଲଭୁକ୍ତ ଜାତି ଓ ଉପଜାତି ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ଇଚ୍ଛୁକ ଛାତ୍ରଛାତ୍ରୀମାନେ ଚଳିତବର୍ଷ ଅକ୍ଟୋବର ୧ ତାରିଖ ସୁଦ୍ଧା ଆବେଦନ କରିପାରିବେ । ଷ୍ଟେଟବ୍ୟାଙ୍କ ଫାଉଣ୍ଡେସନ ଦ୍ୱାରା ଆବେଦନ ପାଇଁ ଖୋଲାଯାଇଥିବା ୱେବ୍‌ସାଇଟ୍ ହେଉଛି **sbifashascholarship.org.**

# ଟିକଟ ଯାଞ୍ଚ କର୍ମଚାରୀ

କେନ୍ଦ୍ରୀୟ ରେଳବାଇର ମୁମ୍ବାଇ ଡିଭିଜନର ରାମବତାର ମୀନା ନାମକ ଜଣେ ଯାତ୍ରୀ ଟିକେଟ୍ ପରୀକ୍ଷକ ଜଣେ ମହିଳା ଯାତ୍ରୀଙ୍କୁ ମୃତ୍ୟୁମୁଖରୁ ରକ୍ଷା କରି ଉଲ୍ଲେଖନୀୟ ସାହସିକତା ପ୍ରଦର୍ଶନ କରିଛନ୍ତି । ଶୁକ୍ରବାର ଦିନ ପୁଣେ ଷ୍ଟେସନରେ ଏକ ଦୂରଗାମୀ ଟ୍ରେନ୍ ପହଞ୍ଚିବା ପରେ ହଠାତ୍ ଯାତ୍ରୀଜଣକ ଖସି ପଡ଼ିଥିଲେ ଏବଂ ସେ ଚଳନ୍ତା ଟ୍ରେନ୍ ତଳକୁ ଟାଣି ହୋଇଯିବାର

ଆଶଙ୍କା ଥିଲା। ଶ୍ରୀ ମୀନା ଏହି ଘଟଣା ଦେଖି ତୁରନ୍ତ ତାଙ୍କୁ ସୁରକ୍ଷିତ ଭାବେ ବାହାରକୁ ଟାଣି ନେଇଥିଲେ। କେନ୍ଦ୍ରୀୟ ରେଳବାଇ ତାଙ୍କର ଏହି ଦୃଷ୍ଟାନ୍ତମୂଳକ ସାହସକୁ ସମ୍ମାନ ଜଣାଇବା ସହ ଯାତ୍ରୀମାନଙ୍କୁ ଟ୍ରେନ୍ ଚାଲିବା ସମୟରେ ଚଢ଼ିବା କିମ୍ୱା ଓହ୍ଲାଇବା ପାଇଁ ଚେଷ୍ଟା ନ କରିବାକୁ ଅନୁରୋଧ କରିଛି ।

## ୟୁଏସ୍ ଓପନ ଫାଇନାଲ

ୟୁଏସ୍ ଓପନ୍‌ରେ ବେଲାରୁଷର ଦ୍ୱିତୀୟ ମାନ୍ୟତାପ୍ରାପ୍ତ ଆରିନା ସାବାଲେଙ୍କା, ଜେସିକା ପେଗୁଲାଙ୍କୁ ସିଧା ସେଟ୍ ରେ ପରାସ୍ତ କରି ପ୍ରଥମଥର ପାଇଁ ୟୁଏସ୍ ଓପନ୍ ଟାଇଟଲ୍ ଜିତିଛନ୍ତି। ଏହି ବିଜୟ ସହ ସାବଲେଙ୍କା ଅଷ୍ଟ୍ରେଲିଆନ୍ ଓପନ୍‌ରେ କ୍ରମାଗତ ବିଜୟ ହାସଲ କରି ତୃତୀୟ ଗ୍ରାଣ୍ଡସ୍ଲାମ୍ ଟାଇଟଲ୍ ଜିତିଛନ୍ତି।

ଆର୍ଥର ଆଶ ଷ୍ଟାଡିୟମରେ ଗତକାଲି ରାତିରେ ବେଲାରୁଷ୍‌ର ସାବଲେଙ୍କା' ପେଗୁଲାକୁ ୧ ଘଣ୍ଟା ୫୩ ମିନିଟ୍ ଖେଳରେ ୭-୫, ୭-୫ସେଟ୍‌ରେ ପରାସ୍ତ କରିଥିଲେ।

ପୂର୍ବରୁ ଅଷ୍ଟ୍ରେଲିଆର ମ୍ୟାକ୍ସ ପର୍ସେଲ ଓ ଜୋର୍ଡାନ୍ ଥମ୍ପସନ୍ ଜର୍ମାନୀର କେଭିନ୍ କ୍ରାଭିଟ୍ଜ ଓ ଟିମ୍ ପୁଏଟ୍ଜଙ୍କୁ ସିଧା ସେଟ୍‌ରେ ପରାସ୍ତ କରି ୨୦୨୪ ୟୁଏସ୍ ଓପନ୍ ପୁରୁଷ ଡବଲ୍ସ ଟାଇଟଲ୍ ଜିତିଥିଲେ।

ପୁରୁଷ ସିଙ୍ଗଲ୍ସରେ ଟେଲର ଫ୍ରିଜ୍ ଆଜି ରାତିରେ ଫାଇନାଲରେ ବିଶ୍ୱର ଏକ ନମ୍ବର ଖେଳାଳି ଇଟାଲୀର ଜାନିକ୍ ସିନ୍ନରଙ୍କୁ ଭେଟିବେ।

## ଆଇଏମ୍‌ଡି-ପାଣିପାଗ

ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ଯେ ଆଜି ଉପକୂଳ ଆନ୍ଧ୍ରପ୍ରଦେଶ ଏବଂ ୟାନାମରେ ପ୍ରବଳ ବର୍ଷା ହେବ। ଆସନ୍ତା ୭ ଦିନ ମଧ୍ୟରେ ଆସାମ, ମେଘାଳୟ, ନାଗାଲାଣ୍ଡ, ମଣିପୁର, ମିଜୋରାମ, ତ୍ରିପୁରା ଓ ମଧ୍ୟପ୍ରଦେଶରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୪ରୁ ୫ ଦିନ ମଧ୍ୟରେ କେରଳ, ମାହେ, ଉପକୂଳ ଆନ୍ଧ୍ରପ୍ରଦେଶ, ୟାନାମ, ଦକ୍ଷିଣ ଆଭ୍ୟନ୍ତରୀଣ କର୍ଣ୍ଣାଟକ ଏବଂ ଉପକୂଳ କର୍ଣ୍ଣାଟକରେ ପ୍ରବଳ ବର୍ଷା ହେବ ବୋଲି ଆଇଏମଡି ପୂର୍ବାନୁମାନ କରିଛି।

ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ଯେ ଚଳିତ ସପ୍ତାହରେ ଦିଲ୍ଲୀ-ଏନସିଆର ସମେତ ପଶ୍ଚିମ ଏବଂ କେନ୍ଦ୍ରୀୟ ଭାରତର କିଛି ଅଂଶରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ।